# ଓଡ଼ିଶା ବିଧାନସଭା

(ଏକାଦଶ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୬ ନଭେମ୍ବର ୨୦୨୨

----

**[ଅବକାରୀ - ମହିଳା ଓ ଶିଶୁ ବିକାଶ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ଆଇନ - ପର୍ଯ୍ୟଟନ ମିଶନ ଶକ୍ତି ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### 64 ଯୋଗିନୀ ମନ୍ଦିରର ବିକାଶ

***61 ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ରାଜ୍ୟ ସରକାର ପର୍ଯ୍ୟଟନ ବିକାଶ ପାଇଁ Make in Odisha ରେ କି କି Investment ଆଣିଛନ୍ତି ଓ ଏହା କେଉଁ କେଉଁ ପର୍ଯ୍ୟଟନ ବିକାଶରେ ଖର୍ଚ୍ଚ ହେବ ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ;(ଖ) ରାଜ୍ୟ ସରକାର 64 ଯୋଗିନୀ ମନ୍ଦିର ରାଣୀପୁର ଝରିଆଲ ର ପର୍ଯ୍ୟଟନ ବିକାଶ ପାଇଁ ବିଦେଶୀ investment ଆଣିବେ କି ?

----

### ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ

***62 ଶ୍ରୀ ସାଲୁଗା ପ୍ରଧାନ (ଜି.ଉଦୟଗିରି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିବା ସେବାଶ୍ରମରେ ଶିକ୍ଷକମାନେ ନାହାଁନ୍ତି ଏକଥା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି, ଯଦି ଆସିଛି ସରକାର କି ପଦକ୍ଷେପ ନେଇଛନ୍ତି କହିବେ କି ?

----

## ମହିଳାମାନଙ୍କ ଆତ୍ମନିଯୁକ୍ତି ପାଇଁ ପଦକ୍ଷେପ

*63 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ରାଜ୍ୟ ମହିଳା ବିକାଶ ସମବାୟ ନିଗମ ତରଫରୁ ମହିଳାମାନଙ୍କ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଚୋରା ମଦ ଯୋଗୁଁ ମଦ୍ୟପ ସଂଖ୍ୟା ବୃଦ୍ଧି

*64 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବ୍ୟାପକ ଚୋରା ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ବିକ୍ରୟ ଯୋଗୁଁ ଗ୍ରାମ ଓ ସହରର ପୁରୁଷ ଓ ମହିଳା ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ବିଶେଷ ଭାବେ ସ୍କୁଲ ଓ କଲେଜ ସ୍ତରର ଯୁବପିଢ଼ିମାନେ ନଷ୍ଟ ହେଉଥିବାରୁ ଏହି ଚୋରାମଦ ଓ ଡ୍ରଗ୍ସର ବିକ୍ରୟକୁ ବନ୍ଦ କରିବା ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ଜଣାଇବା ସହ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ମାନଙ୍କରେ ସ୍କୁଲ ଓ କଲେଜ ପିଲାମାନଙ୍କୁ ମଦ ବିକ୍ରୟ ବନ୍ଦ କରିବା ନିମନ୍ତେ କି ବ୍ୟବସ୍ଥା ଗ୍ରହଣ କରାଯାଇଛି ଜଣାଇବେ କି ?

----

## ପଞ୍ଚାୟତରେ ଆଇନ ସହାୟତା ଓକିଲ ନିଯୋଜନ

*65 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକ ଅଧିନରେ ଥିବା ପଞ୍ଚାୟତ ମାନଙ୍କରେ Law Officer ନିଯୁକ୍ତି କରିବା ବିଷୟରେ ପଚାରିଥିବା ପ୍ରଶ୍ନ UD AQ No 2819 ତା.୨୩.୦୭.୨୨ ର ଉତ୍ତରରେ ଜଣାଇଥିଲେ କି ରଣପୁର ବ୍ଲକର ପଞ୍ଚାୟତ ମାନଙ୍କରେ ଆଇନଜୀବୀ ନିଯୋଜନ ପାଇଁ ଆବଶ୍ୟକୀୟ ସୁପାରିଶ ପ୍ରାପ୍ତ ହୋଇ ସରକାରଙ୍କ ସକ୍ରିୟ ବିଚାରାଧିନ ଥିଲେ ହେଁ କରୋନା ମହାମାରୀର ଗୁରୁତର ସମ୍ପ୍ରସାରଣ ପାଇଁ ପ୍ରସ୍ତାବଟି ସ୍ଥଗିତ ରଖାଗଲା, ନୟାଗଡ ଜିଲ୍ଲାପାଳଙ୍କୁ ନୂତନ ପ୍ରସ୍ତାବ ନିମନ୍ତେ ଅନୁରୋଧ କରାଯାଇଛି, ଜିଲ୍ଲାପାଳଙ୍କ ଠାରୁ ଆବଶ୍ୟକୀୟ ସୁପାରିଶ ପ୍ରାପ୍ତ ହେବା ପରେ ଆଇନ ସହାୟତା ଓକିଲ ନିଯୋଜନ ନିମନ୍ତେ ବିହିତ ପଦକ୍ଷେପ ନିଆଯିବ ଇତି ମଧ୍ୟରେ ଏ ଦିଗରେ କଣ ଅଗ୍ରଗତି ହୋଇଛି ଏବଂ କେବେ ସୁଦ୍ଧା ରଣପୁର ବ୍ଲକର ପଞ୍ଚାୟତ ମାନଙ୍କରେ ଆଇନ ସହାୟତା ଓକିଲ ନିଯୋଜନ କରାଯିବ ଜଣାଇବେ କି ?

----

## ମିଶନଶକ୍ତି ଦ୍ୱାରା ଯୋଡି ହୋଇଥିବା ମହିଳା

*66 **ଶ୍ରୀମତୀ ଲତିକା ପ୍ରଧାନ (କବିସୂର୍ଯ୍ୟ ନଗର):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମିଶନ ଶକ୍ତିରେ ଆଜିସୁଦ୍ଧା ରାଜ୍ୟର କେତେ ମହିଳା ଯୋଡି ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲାର କେତେ ମହିଳା ରହିଛନ୍ତି ଏବଂ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ?

----

## କଳାକାର ଭତ୍ତା ପ୍ରଦାନ

*67 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ବିଭାଗର କେତେଜଣ କଳାକାରଙ୍କୁ କେତେ ଟଙ୍କା ମାସିକ ଭତ୍ତା ପ୍ରଦାନ କରାଯାଏ, ନୂତନ ଭାବେ ଭତ୍ତା ପାଇବା ପାଇଁ କେତେଜଣ କଳାକାର ଆବେଦନ କରିଛନ୍ତି, ସେମାନଙ୍କ ଆବେଦନ ବିଚାର କରି ତୁରନ୍ତ ସେମାନଙ୍କୁ ଭତ୍ତା ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ଟୁଙ୍କି ଜଳ ପ୍ରପାତକୁ ପର୍ଯ୍ୟଟନର ମାନ୍ୟତା

*୬8 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୁଣ୍ଟା ବ୍ଲକ ସ୍ଥିତ ଟୁଙ୍କି ଜଳ ପ୍ରପାତ ସରକାରଙ୍କ ଦୃଷ୍ଟିରେ ଅଛି କି ନାହିଁ, ଯଦି 'ହଁ' ତେବେ ସରକାର ପର୍ଯ୍ୟଟନର ମାନ୍ୟତା ଦେଇଛନ୍ତି କି, ଯଦି 'ନାହିଁ' ତେବେ, ସରକାର ପର୍ଯ୍ୟଟନର ମାନ୍ୟତା ଦେବାପାଇଁ ପଦକ୍ଷେପ ନେବେ କି ?

----

## ନୂତନ 100 Seated Hostel ନିର୍ମାଣ

*୬୨ **ଶ୍ରୀ ପ୍ରଭୁ ଜାନୀ (ଲକ୍ଷ୍ମୀପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯଥା- ବନ୍ଧୁଗାଁ ବ୍ଲକର ଡୁମାନଙ୍ଗର, ରାଞ୍ଜପୁଟ ଓ ଦଶମନ୍ତପୁର ବ୍ଲକର ମରିଚଗୁଡା ଓ ତଲଙ୍ଗମାନାପଦର ଠାରେ 100 seated Hostel ନିର୍ମାଣ କରିବାର ପ୍ରସ୍ତାବ ରଖିବେ କି, ଯଦି 'ହଁ' ତାହେଲେ କେବେସୁଦ୍ଧା କରାଯିବ କହିବେ କି ?

----

## କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା

*70 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ଜିଲ୍ଲାର କେଉଁଠାରେ କେତେ ଜଣ କର୍ମଜୀବୀ ମହିଳାଙ୍କ ରହଣୀ ପାଇଁ କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା ହୋଇଛି, କେତୋଟି ନିର୍ମାଣାଧିନ ଓ ପ୍ରସ୍ତାବଧିନ ଅଛି, ପ୍ରକାଶ କରି ପ୍ରତ୍ୟେକ ଜିଲ୍ଲା, ଉପଖଣ୍ଡ, ସଦର ମହକୁମା ସହ ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରେ ଅଧିକ କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଶ୍ରୀ ଜଗନ୍ନାଥ ମନ୍ଦିରରେ ଥିବା ଭୂ ସମ୍ପତି

*71 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବର୍ତ୍ତମାନ ସୁଦ୍ଧା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରାଜ୍ୟ ଭିତରେ ଓ ବାହାରେ କେତେ ପରିମାଣର ଭୂ-ସମ୍ପତ୍ତି ରହିଛି ଏଥିରୁ ଗତ ଦୁଇବର୍ଷ ମଧ୍ୟରେ କେତେ ବିକ୍ରି ହୋଇଛି ;ମହାପ୍ରଭୁଙ୍କ ନାମରେ ଥିବା ଭୂ-ସମ୍ପତ୍ତିରୁ ବର୍ଷକୁ କେତେ ଆୟ ହୋଇଛି ତାହା ଉଲ୍ଲେଖ କରିବେ କି;(ଖ) ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଅବଢ଼ାର ଦର ନିୟନ୍ତ୍ରଣ ପାଇଁ ସରକାରଙ୍କର କୌଣସି ଯୋଜନା ଥିଲା କି; ଯଦି 'ହଁ' ତେବେ ଏହି ନିଷ୍ପତ୍ତି କେବେ ହୋଇଥିଲା ଓ ବର୍ତ୍ତମାନ ସୁଦ୍ଧା ଏହା ଉପରେ କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଉଲ୍ଲେଖ କରିବେ କି ?

----

## Block Level Federation ମାନଙ୍କୁ ପରିବର୍ତ୍ତନ

*72 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Block Level Federation ମାନଙ୍କୁ ପ୍ରତ୍ୟେକ ଦୁଇ ବର୍ଷରେ ଥରେ ପରିବର୍ତ୍ତନ ହେବା ସରକାରଙ୍କର ନିୟମ ଥିବା ବେଳେ ତାହା ରେମୁଣା ଓ ସଦର ବ୍ଲକରେ ହେଉନାହିଁ କ'ଣ ପାଇଁ, ଯଦି ହେବ କେବେ, ଯଦି ଉତ୍ତର 'ନାଁ' ତାହେଲେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବେ କି ?

----

## ରାମାୟଣ ଓ ଲଙ୍କାପୋଡି ଯାତ୍ରା ପାଇଁ ସ୍ୱତନ୍ତ୍ର ପଦକ୍ଷେପ

*73 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜ୍ଞାପିତ ଅଂଚଳ ପରିଷଦ ଦଶପଲ୍ଲାର କୁଞ୍ଜବନଗଡଠାରେ ଓଡିଶା ପ୍ରସିଦ୍ଧ ସର୍ବପୁରାତନ ଖୋଲା ରଙ୍ଗମଞ୍ଚ ନାଟକ ରାମାୟଣ ଓ ଲଙ୍କାପୋଡି ଯାତ୍ରା ଦିର୍ଘ 220 ବର୍ଷଠାରୁ ଆୟୋଜିତ ହୋଇଆସୁଅଛି, ଉକ୍ତ ଯାତ୍ରାର ପୁନଶ୍ଚ ପ୍ରଚାର ଓ ପ୍ରସାର ପାଇଁ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି, ମହାବୀର ମନ୍ଦିରର ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ସଙ୍ଗେ ସଙ୍ଗେ ଲଙ୍କାପୋଡି ଯାତ୍ରାକୁ ବିଭାଗ ଦ୍ୱାରା ଆୟୋଜନ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେକି?

----

## ନୂତନ ପର୍ଯ୍ୟଟନସ୍ଥଳୀ ମାନ୍ୟତା

*74 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉମରକୋଟ ନିର୍ବାଚନ ମଣ୍ଡଳୀରେ କୌଣସି ପର୍ଯ୍ୟଟନସ୍ଥଳୀ ରହିଛି କି, ଯଦିନାହିଁ ତେବେ ସରକାରଙ୍କ ତରଫରୁ କି କି ଯୋଜନା କରାଯାଇଛି, ରାଇଘର ବ୍ଲକର ପାରୁଆ ଶୈବପୀଠ ଭଳି ସ୍ଥାନଗୁଡ଼ିକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯିବ କି, ଉମରକୋଟ ବ୍ଲକ ତହରା ପଞ୍ଚାୟତର ଅସୁରହାଡ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ହୋଇଥିବାବେଳେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ବିକଶିତ କରିବାକୁ ସରକାର ପ୍ରଚେଷ୍ଟା କରିବେ କି ?

----

## ଆଶ୍ରମ ସ୍କୁଲକୁ +୨ ରେ ଖୋଲିବା ପାଇଁ ପ୍ରସ୍ତାବ

*75 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ ଭାବରେ ଗଠନ ହୋଇଥିବା ଗ୍ରାମ ପଞ୍ଚାୟତ ବିଶେଷ କରି Tribal area ଓ Scheduled ପଞ୍ଚାୟତ ମାନଙ୍କରେ ରହିଥିବା ଦୃଷ୍ଟିରୁ, ଏ ଭିତରେ ଅନେକ ସ୍ଥାନରେ High School ନଥିବା ଦୃଷ୍ଟିରୁ ଶେବାଶ୍ରମକୁ ଆଶ୍ରମରେ ପରିଣତ କରିବା, M. Rampur blockର ମଦନପୁରର ଆଶ୍ରମ ସ୍କୁଲକୁ +୨ ଖୋଲିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଅନାଥ ଆଶ୍ରମରେ ରହୁଥିବା ଶିଶୁ

*76 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେଉଁ କେଉଁ ଅନାଥ ଆଶ୍ରମରେ କେତେ ସଂଖ୍ୟକ ଶିଶୁ ରହିଛନ୍ତି ଓ ସେହି ଅନାଥ ଆଶ୍ରମରେ ଥିବା ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ପୂର୍ବକ ସେମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶ୍ରୀଜଗନ୍ନାଥଙ୍କ ଭୂ-ସମ୍ପତ୍ତିର ସୁରକ୍ଷା

*77 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୃଣାଳିନୀ ପାଢ଼ୀ ମାମଲାରେ ମାନ୍ୟବର ସୁପ୍ରିମ କୋର୍ଟ ପୁରୀ ଶ୍ରୀଜଗନ୍ନାଥଙ୍କ ଭୂ-ସମ୍ପତ୍ତି ସୁରକ୍ଷା ନିମନ୍ତେ କଣ ଟିପ୍ପଣୀ ଦେଇଥିଲେ, ଇତି ମଧ୍ୟରେ କେତେ ଜମି ଶ୍ରୀଜଗନ୍ନାଥଙ୍କ ମାଲିକାନାକୁ ଫେରିଛି ଓ କେତେ ଜମି ଆସିପାରି ନାହିଁ, ଆସିପାରି ନଥିବା ଜମି କେଉଁଠି କି ଅବସ୍ଥାରେ ଅଛି ଓ ତାହାକୁ ମହାପ୍ରଭୁଙ୍କ ମାଲିକାନାକୁ ଫେରାଇ ଆଣିବା ଲାଗି ସରକାର ତଥା ଶ୍ରୀମନ୍ଦିର ପ୍ରଶାସନ କଣ ପଦକ୍ଷେପ ନେଇଛନ୍ତି, ସବିଶେଷ ସୂଚନା ଦେବା ସହ ଶ୍ରୀଜଗନ୍ନାଥଙ୍କ ପାଣ୍ଠିକୁ କେତେ ଜମିରୁ ରାଜସ୍ୱ ଆସୁଛି, ଗତ ୫ ବର୍ଷର ତଥ୍ୟ ଦେବେ କି ?

----

## ଭଦ୍ରକ ଜିଲ୍ଲାରେ ଥିବା S.S.G. ଗ୍ରୁପ

*78 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ଃ**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାରେ ଏଯାବତ୍ କେତୋଟି ମହିଳା S.S.G. ଗ୍ରୁପ ଅଛି, ଜିଲ୍ଲାର ମହିଳାମାନଙ୍କୁ ସ୍ୱରୋଜଗାର ଯୋଗାଇ ଦେବାକୁ ସରକାର ଗ୍ରହଣ କରୁଥିବା ପଦକ୍ଷପ ସମ୍ପର୍କରେ ସୂଚନା ଦେବେ କି, S.S.G. ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓ ଦକ୍ଷତା ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି କହିବେ କି ?

----

## ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ Master Plan

*79 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଶାର ପର୍ଯ୍ୟଟନ ବୈଭବକୁ ଆଗକୁ ବଢାଇବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ଯୋଜନା କ'ଣ ରହିଛି ; ସମୁଦାୟ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରୁ କେତେ ସଂଖ୍ୟକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇଛି ଓ କେଉଁ କେଉଁ ପର୍ଯ୍ୟଟନ ନିମନ୍ତେ ଅଦ୍ୟାବଧି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇନାହିଁ ତାହା ପ୍ରକାଶ କରିବେ କି ; (ଖ) କେଉଁ କେଉଁ ପର୍ଯ୍ୟଟନ କ୍ଷେତ୍ରରେ ବିଳାସପୂର୍ଣ୍ଣ କୋଠରୀ ସୁବିଧା ଉପଲବ୍ଧ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ପ୍ରକାଶ କରିବେ କି?

----

## ୱାକଫ ବୋର୍ଡର ନୂତନ ଅଫିସ୍ ଗୃହ ନିର୍ମାଣ

*80 **ମୋହମ୍ମଦ ମୋକିମ୍ (ବାରବାଟି-କଟକ)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦ କମିଶନର ଅଫ୍ ୱାକଫ, ଦ ଓଡିଶା ବୋର୍ଡ ଅଫ୍ ୱାକଫ ଏବଂ ଦ ଷ୍ଟେଟ୍ ହଜ କମିଟି ଓଡିଶା ଏହି ତିନିଗୋଟି ବିଭାଗର କାର୍ଯ୍ୟ ଏକ ପୁରୁଣା Building ରେ ଚାଲୁଅଛି, ନୂଆ ଅଫିସ୍ ପାଇଁ ତିନି ବର୍ଷ ହେବ estimate ହୋଇ ପଡିରହିଛି, କ'ଣ ପାଇଁ ଏବେ ପର୍ଯ୍ୟନ୍ତ କାମ ହେଉନାହିଁ, କେବେସୁଦ୍ଧା ଏହି ନୂତନ ଅଫିସର କାର୍ଯ୍ୟ ଆରମ୍ଭ ହେବ ?

----

## ଶିଶୁମାନଙ୍କର ପୁଷ୍ଟିହୀନତା ଦୂର କରିବା

*୫1 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 16th ବିଧାନସଭାର UDAQ No.-100/Date 26.03.2022 ରେ ଶିଶୁମାନଙ୍କର ବିକାଶ ପାଇଁ ବ୍ୟୟବରାଦ ଉପରେ ତଥ୍ୟ ସଂଗ୍ରହକରି ଉତ୍ତର ଦେବାକୁ ଦେଇଥିବା ପ୍ରତିଶ୍ରୁତି ଉପରେ ଉତ୍ତର ରଖିବେ କି, (ଖ) ଶିଶୁମାନଙ୍କର ବୌଦ୍ଧିକତାର ପରିପ୍ରକାଶ ସହିତ ପୁଷ୍ଟିହୀନତା ଦୂର କରିବାରେ ସାହାଯ୍ୟ କରୁଥିବା "ମିଲେଟ ମିଶନ" ର ପ୍ରଚାର ପ୍ରସାର ଓ successful implementation ପାଇଁ ଲୋଇସିଂହା ନିର୍ବାଚନମଣ୍ଡଳୀରେ ସରକାର ନେଇଥିବା ପଦକ୍ଷେପ ଉପରେ ସବିଶେଷ ବିବରଣୀ ସହ ସ୍ପଷ୍ଟୀକରଣ ଦେବେକି?

----

## ସ୍ପେଶାଲ୍ କୋର୍ଟ କୁ କେଶ୍ ଟ୍ରାନ୍ସଫର୍

*୫2 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 10 ବର୍ଷରେ ଓଡିଶା ସ୍ପେଶାଲ କୋର୍ଟ ଆଇନରେ ଗଠିତ ହୋଇଥିବା ସ୍ପେଶାଲ କୋର୍ଟକୁ କେତେ କେଶ୍ ଟ୍ରାନ୍ସଫର କରାଯାଇଛି ଓ କେତେ କେଶ୍ ଫଇସଲା ହୋଇଛି ?

----

## ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ସହାୟତା ବୃଦ୍ଧି

*୫3 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମିଶନ ଶକ୍ତି ଜରିଆରେ କେତୋଟି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା କେତେ ମହିଳା ଉପାର୍ଜନକ୍ଷମ କେଉଁ କେଉଁ ଧନ୍ଦାରେ ନିୟୋଜିତ ରହିଛନ୍ତି ଓ ସବୁ ସ୍ୱୟଂସହାୟକ ଗୋଷ୍ଠୀର ଆର୍ଥିକ କାରବାର ପରିମାଣ କେତେ ଏବଂ ଏହାକୁ ବଢାଇବା ଲାଗି କି କି ଲକ୍ଷ୍ୟ ରଖାଯାଇଅଛି?

----

## ଭାଇବୋହୁ ଦେଢଶୂର ପର୍ଯ୍ୟଟନ ସ୍ଥଳୀର ବିକାଶ

*84 **ଶ୍ରୀ ମହିଧର ରଣା (କଣ୍ଟମାଳ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର କଣ୍ଟାମାଳ ବ୍ଲକର ଭାଇବୋହୁ ଦେଢଶୂର ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର କାମ ସମ୍ପୂର୍ଣ୍ଣ ହୋଇନାହିଁ, ଏହା କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଅନୁସୂଚୀତ ଜନଜାତି ଓ ଜାତି ପିଲାଙ୍କୁ OAS/IAS Coaching ଦେବା

*85 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- SC, ST, OBC ଏବଂ Minority Development Department ତରଫରୁ OAS, IAS Coaching ପାଇଁ ସରକାରଙ୍କର କଣ ସବୁ ବ୍ୟବସ୍ଥା ରହିଛି ; SC/ST, OBC ରେ Minority ପିଲାମାନେ OPSC ଏବଂ UPSC prepare ପାଇଁ ସରକାରଙ୍କ ତରଫରୁ କଣ ସବୁ ସୁବିଧା କରାଯାଇଛି ; ତାର ସମସ୍ତ ତଥ୍ୟ ଦେବେ କି?

----

## ବଣ୍ଡାଘାଟିରେ Rope way ଏବଂ view point ବ୍ୟବସ୍ଥା

***୫୬ ଶ୍ରୀ ପୂର୍ଣ ଚନ୍ଦ୍ର ବାକା (ଚିତ୍ରକୋଣ୍ଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିତ୍ରାକୋଣ୍ଡା ନର୍ବାଚନ ମଣ୍ଡଳୀର ଖଇରପୁଟ ବ୍ଲକର ମୁଦୁଲିପଡା ବଣ୍ଡାଘାଟିରେ ଥାଇ ପର୍ଯ୍ୟଟକମାନେ ମାଲକାନଗିରି ଜିଲ୍ଲାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏବଂ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ମୁଦୁଲିପଡା ବଣ୍ଡାଘାଟିରେ ସରକାର ଏକ Rope way ଏବଂ view point କରିବା ପାଇଁ ପଦକ୍ଷେପ ନେବେ କି ?

----

## ଅନ୍ତେବାସୀ ଛାତ୍ରୀମାନଙ୍କୁ ସୁରକ୍ଷା ଦେବା

***୫୭ ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲ ହଷ୍ଟେଲରେ ରହୁଥିବା କେତେ ଛାତ୍ରୀ ଶିକ୍ଷକ/ ଅଣ ଶିକ୍ଷକଙ୍କ ଦ୍ୱାରା ଅସଦାଚରଣର ଶିକାର ହୋଇଛନ୍ତି, କେତେ ଜଣ ଗର୍ଭବତୀ ହୋଇଛନ୍ତି, (ଖ) ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ହୋଇଛି , ଏବଂ ଛାତ୍ର ଛାତ୍ରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଦେବା ପାଇଁ କି କି ପଦକ୍ଷେପ ନିଆଯାଉଛି ?

----

## କପିଳାସ ପୀଠର ଭିତ୍ତିଭୂମି ଉନ୍ନୟନ

***୫୮ ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ପ୍ରସିଦ୍ଧ ଶୈବ କ୍ଷେତ୍ର କପିଳାସର ଚନ୍ଦ୍ରଶେଖରଦେବଙ୍କ ପୀଠର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## Constructed of KMRS

***୫୯ ଶ୍ରୀ ସୁକାନ୍ତ କୁମାର ନାୟକ (ନିଳଗିରି ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- One KMRS is being constructed since last 5 years in Nilagiri Block, when this school will be ready for admission of tribal students, be pleased to take steps for its completion ?

----

**Development of Eram & Charibatia Area**

***୨୦ ଶ୍ରୀ ବିଷ୍ଣୁବ୍ରତ ରାଉତରାୟ (ବାସୁଦେବପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Eram & Charibatia area of Basudevpur Constituency, which has got great significance in the freedom struggle of our nation needs to be developed as a proper tourist destination of our state, Is the Department thinking of developing these sites as major tourist sites and will the department make arrangements for a Master Plan for developing these sites with substantial funding to create World-Class infrastructure in order to educate the future generations about these historic sites ?

----